## ସଂକ୍ଷେପରେ

### ଅଜଣା ରୋଗରେ ୨ ମେଣ୍ଢା ମୃତ, ବହୁ ଆକ୍ରାନ୍ତ

ବୁଗୁଡ଼ା,୧୨।୧୧(ଡି.ଏନ.ଏ.)- ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତ କୈଳାଶନଗର ଗ୍ରାମରେ ଅଜଣା ରୋଗରେ ୨ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ବହୁ ଆକ୍ରାନ୍ତ ହୋଇଛନ୍ତି। ଗଳା ଫୁଲିଯିବାରୁ ଖାଇ ନ ପାରି ମୃତ୍ୟୁ ଘଟୁଥିବା ମେଣ୍ଢା ପାଳକ ବୁଦ୍ଧିଆ ନାୟକ କହିଛନ୍ତି। ଏ ନେଇ ବୁଗୁଡ଼ା ସହ ପ୍ରାଣୀ ଚିକିତ୍ସକ ପିଙ୍କି ସାହୁ କହିଛନ୍ତି, ଏହା ବସନ୍ତ ରୋଗର ଲକ୍ଷଣ ହୋଇପାରେ। ଏନେଇ ତାଙ୍କ ନିକଟକୁ କେହି ଆସିନାହାନ୍ତି। ଯଦି ମେଣ୍ଢାପାଳକ ଆସିବେ ଭାକ୍ସିନ ମଗାଇ ଦିଆଯିବ ଏବଂ ଏହାର ମୂଲ୍ୟ ଦେବାକୁ ପଡିବ। ବ୍ଲକର ବିଭିନ୍ନ ଗ୍ରାମରେ ମେଣ୍ଢାମାନେ ବସନ୍ତ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।

### କାର୍ ଧକ୍କାରେ ବାଇକ ଚାଳକ ମୃତ

ବୁଗୁଡ଼ା,୧୨।୧୧(ଡି.ଏନ.ଏ.)- ବୁଗୁଡ଼ା ଉପକଣ୍ଠ ଟିଭିଏସ ଶୋ'ରୁମ ସାମ୍ନାରେ କାର ଧକ୍କାରେ ଗୁରୁବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆସିକା ଥାନା ଫାପଲପୁର ଗ୍ରାମର ଧନୁର୍ଦ୍ଧର ସ୍ୱାଇଁ (୪୨ )। ସକାଳେ ଧନୁର୍ଦ୍ଧର କୌଣସି କାମରେ ବୁଗୁଡ଼ା ଆସି ଏକ ବାଇକ୍ (ନଂ.ଓଡି-୩୨ଇ-୮୫୬୪) ଯୋଗେ ଫେରୁଥିଲେ। ବୁଗୁଡ଼ାରୁ ଆସିକା ଅଭିମୁଖେ ଯାଉଥିବା କାର୍ (ନଂ.ଓଡି୦୨ଏ ଜେଡ୍-୦୧୧୦) ବାଇକ୍‌ଟିକୁ ଓଭରଟେକ୍ କରିବାକୁ ଯାଉଥିବାବେଳେ ବାଇକ ଚାଳକ ଗ୍ୟାରେଜ ଯିବାପାଇଁ ଡାହାଣ ପଟକୁ ବୁଲିବା ବେଳେ ଧକ୍କା ହୋଇଥିଲା। କାର୍ ଚାଳକଙ୍କୁ ଲୋକେ ଅଟକାଇ ଗୁରୁତର ଧନୁଙ୍କୁ ବୁଗୁଡ଼ା ମେଡିକାଲ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଧନୁଙ୍କ ସ୍ତ୍ରୀ ଓ ପୁଅଝିଅ ସୁରଟରେ ରହୁଥିବାବେଳେ ସେ ୧୨ଦିନ ତଳେ ଗ୍ରାମକୁ ଆସିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ନଂ.୩୩୮/୨୦ରେ ଏକ ମାମଲା ରୁଜୁ କରିଛି।

### ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପାଟପୁର,୧୨।୧୧- ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତ ଘୋଡ଼ାହାଡ଼ ନଦୀରୁ ଗୁରୁବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଖଲିଙ୍ଗି ଗ୍ରାମର ଶଙ୍କର ଲେଙ୍କା (୩୫)। ଶଙ୍କର ବୁଧବାର ସନ୍ଧ୍ୟାରୁ ବାହାରକୁ ଯାଇ ଆଉ ଘରକୁ ଫେରିନଥିଲେ। ଗୁରୁବାର ସକାଳୁ କେତେଜଣ ଲୋକ ନଦୀକୁ ଗାଧୋଇ ଯାଇଥିବାବେଳେ ଶଙ୍କରଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସରପଞ୍ଚ ପ୍ରତିନିଧି ସଞ୍ଜୟ ରାଉତଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ରାଜମିସ୍ତ୍ରି ତାଲିମ ଶିବିର ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧୨।୧୧(ଡି.ଏନ୍.ଏ.)- ଆର୍.ଉଦୟଗିରି ବ୍ଲକ ଅନଘା ଗ୍ରାମରେ ଗ୍ରାମୀଣ ରାଜମିସ୍ତ୍ରି ତାଲିମ ଶିବିର କାର୍ଯ୍ୟକ୍ରମ ଉଦ୍‌ଯାପିତ ବୁଧବାର ହୋଇଯାଇଛି। ୪୫ଦିନ ଧରି ଚାଲିଥିବା ଏହି ଶିବିରରେ ପ୍ରାୟ ୬୦ଜଣ ବିଭିନ୍ନ ପ୍ରାନ୍ତରୁ ଆସି ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନଘା ସରପଞ୍ଚ କୃଷ୍ଣଚନ୍ଦ୍ର ବଡମୁଣ୍ଡି ମୁଖ୍ୟଅତିଥିଭାବେ ଯୋଗଦେଇଥିବାବେଳେ ରାଜମିସ୍ତ୍ରୀ ସଂଘ ସଭାପତି ଦାଶରଥୀ ରଇତ, ଉପସଭାପତି ପ୍ରଫୁଲ୍ଲ କୁମାର କାର୍ଯ୍ୟୀ, ସମ୍ପାଦକ ଅମରେଶ୍ୱର ପ୍ରଧାନ, ବ୍ରହ୍ମପୁରର ପ୍ରଶିକ୍ଷକ ପ୍ରଦୀପ କୁମାର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଏହି ପ୍ରଶିକ୍ଷଣ ଦ୍ୱାରା ନିଜେ ଆତ୍ମନିର୍ଭରଶୀଳ ସହ ଅନ୍ୟକୁ ରୋଜଗାର ଦେଇପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀ ତଥା ରାଜମିସ୍ତ୍ରିଙ୍କୁ ବିଭିନ୍ନ ସରଞ୍ଜାମ କିଟ୍ ପ୍ରଦାନ କରାଯାଇଥିଲା।

### ୧୩୦ଲିଟର ମଦ ଜବତ

ପାରଳାଖେମୁଣ୍ଡି,୧୨।୧୧(ଡି.ଏନ୍.ଏ.)- ବ୍ରହ୍ମପୁର ଓ ପାରଳାଖେମୁଣ୍ଡି ଅବକାରୀ ବିଭାଗ ଏବଂ ଅଡବା ପୋଲିସ ବେଆଇନ ଚୋରା ଦେଶୀମଦ ଧରପଗଡ ଆରମ୍ଭ କରିଛି। ଅଡବା ଥାନା ପକ୍ଷରୁ ବିରିକୋଟ ଅଞ୍ଚଳରେ ଜଙ୍ଗଲ ମଧ୍ୟରେ ଚାଲିଥିବା ଦେଶୀମଦ ପ୍ରସ୍ତୁତ ହେଉଥିବା ସ୍ଥାନରେ ଗୁରୁବାର ଚଢାଉ କରାଯାଇଥିଲା। ସେଠାରୁ ୪,୭୩୦ ଲିଟର ମହୁଲ ପୋଚ ଜବତ କରି ନଷ୍ଟ କରାଯାଇଥିବାବେଳେ ୧୩୦ ଲିଟର ମହୁଲି ଦେଶୀମଦ ଜବତ କରାଯାଇଛି। ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ମଧ ଜବତ କରାଯାଇଛି। ଅଡବା ଥାନାରେ ନଂ.୧୧୩/୨୦ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ୪୮ ଘଣ୍ଟାରେ ଚାଷୀଙ୍କୁ ମିଳିବ ପ୍ରାପ୍ୟ

**ଡିସେମ୍ବର ୧୫ରୁ ଗଞ୍ଜାମରେ ଧାନକିଣା**
- ୧.୩୯ ଲକ୍ଷ ଚାଷୀ ବିକିବେ ଧାନ
- ବ୍ଲକସ୍ତରରେ ଖୋଲିବ ଅଭିଯୋଗ ପ୍ରକୋଷ୍ଠ

ଛତ୍ରପୁର,୧୨।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଡିସେମ୍ବର ୧୫ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ଏଥିପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ସମସ୍ତ ବିଧାୟିକା, ବିଧାୟିକ, ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଧାନସଂଗ୍ରହ ପ୍ରକ୍ରିୟା କିଭଳି ସରଳୀକରଣ ହୋଇପାରିବ ସେ ବିଷୟରେ ନିଜ ନିଜ ମତାମତ ଉପସ୍ଥାପନ କରିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରାରମ୍ଭିକ ସୂଚନା ଦେଇ ଜଣାଇଥିଲେ ଯେ, ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟଠାରୁ ଚଳିତବର୍ଷ ସାମାନ୍ୟ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ପ୍ରାୟ ୮୮ପ୍ରତିଶତ ଧାନସଂଗ୍ରହ କରାଯାଇଥିଲା। ଚଳିତବର୍ଷର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ଚେଷ୍ଟା ରହିବ। ଏଥିସହ ସରକାରଙ୍କ ଯେଉଁ ନିର୍ଦ୍ଦେଶନାମା ଜାରି ହେବ ସେହି ଲକ୍ଷ୍ୟ ମଧ ପୂରଣ କରାଯିବ। ଧାନ ସଂଗ୍ରହ ପ୍ରକ୍ରିୟା ବେଳେ ପଞ୍ଜୀକୃତ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ବ୍ଲକସ୍ତରରେ ଗୋଟିଏ ଲେଖାଏ ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବ। ଅତିରିକ୍ତ ତହସିଲଦାର, ବ୍ଲକ ଯୋଗାଣ ଅଧିକାରୀ ଏବଂ ସମବାୟ ବିଭାଗର ଏଆରସିଏସ ସ୍ତରୀୟ ଅଧିକାରୀଙ୍କୁ ନେଇ ଖୋଲାଯାଇଥିବା ଏହି ଅଭିଯୋଗ ପ୍ରକୋଷ୍ଠରେ ଚାଷୀମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଜଣାଇବେ। ଏହାଦ୍ୱାରା ଦୈନିକ ରିପୋର୍ଟ ହାସଲ ହେବା ସହ ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ। ଭିଡିଓ କନ୍‌ଫରେନ୍ସରେ ବାଚସ୍ପତି ଜଣାଇଥିଲେ ଯେ ଚଳିତବର୍ଷ ଭଲ ଫସଲ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସୋସାଇଟିଗୁଡିକ ଧାନ ସଂଗ୍ରହ କରିବା ପାଇଁ ଯଥେଷ୍ଟ ସ୍ଥାନ ପ୍ରସ୍ତୁତ କରିରଖନ୍ତୁ। ଚାଷୀମାନେ ଯେପରି ସିଧାସଳଖ ମିଲରଙ୍କୁ ନ ଦେଇ ସୋସାଇଟିକୁ ଧାନ ଦେବେ ତାର ବ୍ୟବସ୍ଥା କରିବା, ଚାଷୀ ଯେପରି ଧାନର ଠିକ ଓଜନ ଦର ପାଇବେ ତାହା ସୁନିଶ୍ଚିତ କରିବାକୁ ବାଚସ୍ପତି କହିଥିଲେ। ଚାଷୀମାନେ ଯେପରି ସେମାନଙ୍କ ଉପଯୁକ୍ତ ପ୍ରାପ୍ୟ ଚବିଶ ଘଣ୍ଟାରୁ ୪୮ଘଣ୍ଟା ମଧ୍ୟରେ ପାଇବେ ଏବଂ ଧାନ ସଂଗ୍ରହ ବେଳେ କୋଭିଡ୍ ନିୟମ କଡାକଡି ପାଳନ ପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ଆରୁଖ କହିଥିଲେ। ଜିଲାପରିଷଦ ଅଧ୍ୟକ୍ଷା ସୋନମ ପଲାଇ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟକ ଶ୍ରୀକାନ୍ତ ସାହୁ , ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାସ ଚନ୍ଦ୍ର ବେହେରା, ବିଧାୟିକା ଲତିକା ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ ପ୍ରମୁଖ ବୈଠକରେ ଯୋଗଦେଇ ବିଗତ ବର୍ଷଗୁଡିକରେ ଯେଉଁ ସବୁ ସମସ୍ୟା ଦେଖାଯାଇଥିଲା ସେସବୁର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ୨୦୫୬୭ ଜଣ ନୂତନ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୧୧୯୦୮୧ଜଣ ଚାଷୀ ନବୀକରଣ କରିଛନ୍ତି। ଏଥିସହିତ ୪୨୪୫ଜଣ ଭାଗଚାଷୀ ମଧ ପଞ୍ଜୀକୃତ ହୋଇଥିବା ଜଣାପଡିଛି। ୩୮୯ ପ୍ୟାକ୍ସ , ୫୧ ମହିଳା ସହାୟିକା ମହିଳା ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ଜରିଆରେ ଚାଷୀଙ୍କଠାରୁ ଧାନ କିଣିବା ନିମନ୍ତେ ସ୍ଥିର ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତାତ୍ରେୟ ଭାଉସାହେବ, ଅତିରିକ୍ତ ଜିଲାପାଳ(ସାଧାରଣ) କବୀନ୍ଦ୍ର କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନ , ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଜିଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା, ଏଫସିଆଇ ବ୍ରହ୍ମପୁର ଶାଖା ଡିଭିଜିନାଲ ମ୍ୟାନେଜର ନୀତିନ ବର୍ମା, ମ୍ୟାନେଜର ଏଫସିଆଇ ଏନ.ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଇଟାଲୀ ଦମ୍ପତି


ପୋଷ୍ୟସନ୍ତାନ ଗ୍ରହଣ ବେଳେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ପାରଳାଖେମୁଣ୍ଡି,୧୨।୧୧(ଡି.ଏନ୍.ଏ.)

ଗଜପତି ଜିଲା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୧୭, ୧୮ ଓ ୧୯ତମ ଶିଶୁଙ୍କୁ ଜିଲାପାଳ ଅନୁପମ ସାହା ପୋଷ୍ୟ ସନ୍ତାନ ଭାବେ ସୁଦୂର ଇଟାଲୀର ଜନୈକ ଦମ୍ପତି ଏବଂ ପଶ୍ଚିମବଙ୍ଗର ୨ଜଣ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଲକ୍‌ଡାଉନ୍ ସମୟରେ ଜିଲାର ବିଭିନ୍ନ ସ୍ଥାନରୁ ଶିଶୁମାନଙ୍କୁ ଉଦ୍ଧାର କରି ଜିଲାରେ ଥିବା ଏକମାତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିସାନ ସାଲୋମ, ପାରଳାଖେମୁଣ୍ଡିରେ ରଖାଯିବା ସହ ସେମାନଙ୍କ ଆଡପ୍‌ସନ ପାଇଁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ରର ପୋର୍ଟାଲରେ ଅପଲୋଡ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଶିଶୁମାନଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି ମୁକ୍ତ ଘୋଷଣା କରିଥିଲେ। ଯାହାଦ୍ୱାରା ଶିଶୁମାନେ ପୋଷ୍ୟ ଭାବେ ଯାଇପାରିବେ ଓ ଏନେଇ ପୋର୍ଟାଲରେ ଜଣାଇ ଦିଆଯାଇଥିଲା।

ଉପରୋକ୍ତ ଦମ୍ପତି ଶିଶୁମାନଙ୍କୁ ପସନ୍ଦ କରି ନେବାକୁ ସ୍ଥିର କରିଥିଲେ। ପରେ ଆବଶ୍ୟକ କାଗଜପତ୍ର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ। ସମସ୍ତ କାଗଜପତ୍ର ଜିଲାପାଳ ଯାଞ୍ଚ କରିବା ପରେ ଗୁରୁବାର ୨ଶିଶୁଙ୍କୁ ପଶ୍ଚିମବଙ୍ଗ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଅନ୍ୟଜଣଙ୍କୁ ଇଟାଲିର ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ଏହି ସମସ୍ତ ଶିଶୁ କନ୍ୟାରତ୍ନ ହୋଇଥିବା ସୂଚନା ମିଳିଛି। ହସ୍ତାନ୍ତର ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କୁମାର ରାଉଳ, ସଭ୍ୟ ଅଳକା ସାହୁ, ନିସାନ୍ ସାଲୋମ ର ନିର୍ଦ୍ଦେଶକ ବିଶ୍ୱଜିତ୍ ପାଣି ଏବଂ ସମ୍ପାଦିକା ସଞ୍ଜୁପ୍ରଭା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ


ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଛି।

ବେଗୁନିଆପଡା,୧୨।୧୧(ଡି.ଏନ୍.ଏ.)

କୋଦଳା ତହସିଲ ଅଙ୍ଗାରଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅବନୀ କୁମାର ସାହୁ, ବିଡ଼ିଓ ବେଦବର ପ୍ରଧାନ, ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, ସୁପରଭାଇଜର ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ସୁବିଧା ଏବଂ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ଭୂୟାଁ ଯୋଗ ଦେଇଥିଲେ। ଏଥିରେ ଘର ପଟ୍ଟା, ଗ୍ରାମ କଣ୍ଟକ, ମ୍ୟୁଟେଶନ, ରେଜିଷ୍ଟ୍ରେଶନ, ଜାତିଗତ, ସ୍ଥାୟୀବାସିନ୍ଦା ପ୍ରମାଣପତ୍ର, ସୀମା ନିର୍ଦ୍ଧାରଣ, ଋଣ ପରିଶୋଧ କ୍ଷମତା ପ୍ରମାଣ ପତ୍ର, କିସମ ପରିବର୍ତ୍ତନ ଆଦି ସେବା ଯୋଗାଇ ଦିଆଯାଉଥିବା ତହସିଲଦାର ପ୍ରକାଶ କରିଛନ୍ତି। ଏହି ଅବସରରେ ୭ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା।

## କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ବନ୍ଧୀୟ ତାଲିମ ଶିବିର

ଆର.ଉଦୟଗିରି,୧୨।୧୧(ଡି.ଏନ.ଏ.)

ଗଜପତି ଓଡିଶା ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ଶ୍ରମ ବିଜ୍ଞାନ ଓ ସୁରକ୍ଷା ସମ୍ବନ୍ଧୀୟ ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ମିଳିତ ଉଦ୍ୟମରେ କୃଷି ଯନ୍ତ୍ରପାତି ବିଷୟରେ ଏକ ତାଲିମ ଶିବିରର ଆୟୋଜନ କରାଯାଇଥିଲା। ଗଜପତି ଜିଲାର କଙ୍କଡ଼ାଗୁଡ଼ା ଗ୍ରାମଠାରେ ମହିଳାଙ୍କ ଶ୍ରମ ଲାଘବ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ପ୍ରକଳ୍ପ ତରଫରୁ ବିକଶିତ ହୋଇଥିବା ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ବିଷୟରେ ସବିଶେଷ ବିବରଣୀ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସଂଗ୍ରାମ ପରମଗୁରୁ ଓ କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ ଦ୍ୱାରିକା ମୋହନ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭାଗନେଇ ବିଭିନ୍ନ ବେସରକାରୀ ସଂସ୍ଥାର କର୍ମକର୍ତ୍ତାମାନେ ଜିଲାରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକାର ପ୍ରଶଂସା କରିଥିଲେ।

## ଜିଲାପାଳଙ୍କ ପରିମଳ ବ୍ୟବସ୍ଥା ଅନୁଧ୍ୟାନ

ହିଞ୍ଜିଳିକାଟୁ,୧୨।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ରାତିରେ ହିଞ୍ଜିଳିକାଟୁ ପୌରାଞ୍ଚଳକୁ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ଦେଉଳବନ୍ଧ, ମାର୍କେଟ କମ୍ପ୍ଲେକ୍ସ, ରେଗିଡ଼ି ସାହିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଓ ପରିମଳ ବ୍ୟବସ୍ଥା ବୁଲି ଦେଖିଥିଲେ। ପଞ୍ଚସୂତ୍ରୀ ନିୟମ ଠିକ୍ ଭାବେ ପାଳନ କରିବାକୁ ଦୋକାନୀମାନଙ୍କୁ କହିଥିଲେ। କେତେକ ସ୍ଥାନରେ ଆବର୍ଜନା ପଡ଼ିଥିବା ଦେଖି ଜିଲାପାଳ ଅସନ୍ତୋଷ ପ୍ରକାଶ ସହ ଜଣେ ଦୋକାନୀଙ୍କ ଉପରେ ୨ହଜାର ଜରିମାନା ପକାଇବା ପାଇଁ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌର ଅଧିକାରୀ ମନୋରଞ୍ଜନ ସାହୁ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର,ତହସିଲଦାର ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ହସ୍ତାନ୍ତର ହେଲା ଉଦ୍ଧାର ସୁନା ଅଳଙ୍କାର, ଟଙ୍କା



ଜବତ ହୋଇଥିବା ଟଙ୍କା ସୁନା ବ୍ୟବସାୟୀଙ୍କ ପୁଅଙ୍କୁ ଦିଆଯାଉଛି।

ପୁରୁଷୋତ୍ତମପୁର,୧୨।୧୧(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଟାଙ୍ଗୁଡିଆପଦର ସାହିରୁ ସୁନା ବ୍ୟବସାୟୀଙ୍କ ଦୋକାନରୁ ଅଳଙ୍କାର ଚୋରି ଘଟଣାରେ ପୋଲିସ୍ ୧୫ ଜଣଙ୍କୁ ଗିରଫ କରିଥିଲେ ମଧ ବୁଧବାର ୧୪ ଜଣଙ୍କୁ କୋର୍ଟଚାଲାଣ କରିଥିଲା। ଅନ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁର ନଦୀତଟ ସାହିର ମିଥୁନ ବେହେରାଙ୍କୁ ଗୁରୁବାର ପୋଲିସ କୋର୍ଟ ଚାଲାଣ କରିଛି। ବୁଧବାର ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଥିବା ଓ ଆଉ କିଛି ତଥ୍ୟ

**ଆଉ ଜଣେ କୋର୍ଟ ଚାଲାଣ**

ହାସଲ କରିବାକୁ ଥିବାରୁ କୋର୍ଟ ଚଲାଣ କରାଯାଇ ନ ଥିଲା ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କ ନିକଟରୁ ଉଦ୍ଧାର କରାଯାଇଥିବା ୬ କେଜି ୫୦୧ ଗ୍ରାମର ସୁନା ଅଳଙ୍କାର ସହ ଜବତ ହୋଇଥିବା ୪ଲକ୍ଷ ୪୪ହଜାର ୫୦୦ଟଙ୍କା ସୁନା ଦୋକାନ ମାଲିକ ସୁରେନ୍ଦ୍ର କୁମାର ନାୟକଙ୍କ ପୁଅ ସାଇଶଙ୍କରଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

## ଦୁଇ ବାଇକ୍ ଧକ୍କା, ଜଣେ ମୃତ

ବୁଗୁଡ଼ା,୧୨।୧୧(ଡି.ଏନ.ଏ.)

ବୁଗୁଡ଼ା ବଡ଼ଶଙ୍ଖଠାରେ ବୁଧବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କେନ୍ଦୁବାଡି ଗ୍ରାମର ଧୋବା ବେହେରା। ଗ୍ରାମର କେଶବ ବିଷୋୟୀଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବୁଧବାର ରାତିରେ ବୁଗୁଡ଼ା ହାଇସ୍କୁଲ ଛକ ପଟୁ ଦୁଇଟି ବାଇକରେ ୪ ଜଣ ଆଗପଛ ହୋଇ ଯାଉଥିଲେ। ପାଣ୍ଡବ ବିଶୋଇ ଓ ପାଣ୍ଡବ ଭୂୟାଁଙ୍କ ବାଇକକୁ ବଡ଼ଶଙ୍ଖଠାରେ ପଛପଟୁ କେଶବଙ୍କ ବାଇକ୍ ଧକ୍କା ଦେଇଥିଲା। ଫଳରେ କେଶବ ଓ ତାଙ୍କ ସହ ଯାଉଥିବା ଧୋବା ବାଇକରୁ ଖସି କଚାଡି ହୋଇ ପଡ଼ିଥିଲେ। ବୁଗୁଡ଼ା ଦମକଳ ବାହିନୀ ୪ ଜଣଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲ ଆଣିଥିଲେ। କେଶବ ଓ ଧୋବାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ପଠାଯାଇଥିଲା। ସେଠାରେ ଧୋବାଙ୍କ ମୃତ୍ୟୁ ଘଟିଛି।

# କୁଶପଡ଼ା ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଦିଗପହଣ୍ଡି,୧୨।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଛି। ବୁଧବାର ବିଡ଼ିଓ ହଳଧର ଶବର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ସରକାରୀ ଯୋଜନାର ନଥିପତ୍ର ଯାଞ୍ଚ କରିଥିଲେ। ଏଥିସହ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜକିଶୋର ବରାଡ, ସରପଞ୍ଚ ଏସ. ରିନା ଦୋରା, ସମିତିସଭ୍ୟା ଏମ୍. ନିରଞ୍ଜନ ରେଡ୍ଡୀ, ସରପଞ୍ଚ ପ୍ରତିନିଧି ଏସ. ଗାନ୍ଧୀ ଦୋରା, ପୂର୍ବତନ ସରପଞ୍ଚ ଆର୍. ଦେବହରି ଦୋରା, ସାମାଜିକ କର୍ମୀ କାହ୍ନୁ ଚରଣ ପାତ୍ର, ବାଲାଜୀ ରେଡ୍ଡୀ, ସନ୍ତୋଷ ଦୋରା, ସମୀର ସ୍ୱାଇଁ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଲେଙ୍କା, କନିଷ୍ଠ ଯନ୍ତ୍ରୀ ଇଂ.ପ୍ରେମାରଞ୍ଜନ ମହାପାତ୍ରଙ୍କ ସହ ବିଭିନ୍ନ ସରକାରୀ ଯୋଜନାର ରୂପରେଖ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟଗୁଡିକୁ ପଞ୍ଚାୟତ କାର୍ଯ୍ୟାଳୟ ଅଧିନକୁ ଆଣିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଡିଓ କୁଶପଡ଼ା ଗ୍ରାମ ମେଳା ପାହାଡ଼ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅନୁଧ୍ୟାନ ସହିତ ନୂତନ ପଞ୍ଚାୟତ ଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ।


ନୂତନ ପଞ୍ଚାୟତ ଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଉଛି।

# ଓଆର୍‌ଭି ଆକ୍ଟ କାର୍ଯ୍ୟକାରୀ ଦାବି

ବ୍ରହ୍ମପୁର ଅଫିସ,୧୨।୧୧

ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଅଧୀନରେ ଥିବା ଜିଇଆରସି, ଓପିଟିସିଏଲ, ଗ୍ରୀଡ଼କୋ, ଓଏଚପିସି, ଟିପିସିଓ ଏବଂ ସିଓଡିଏଲ ଆଦିରେ ଓଡ଼ିଶା ରିଜର୍ଭେଶନ ଅଫ ଭାକାନ୍ସି ଆକ୍ଟ (ଓଆରଭି) କାର୍ଯ୍ୟକାରୀ ହେଉଥିବା ବେଳେ ସାଉଥକୋରେ ଏହା କାର୍ଯ୍ୟକାରୀ ହେଉନାହିଁ। ଏଣୁ ସାଉଥକୋ ୟୁଟିଲିଟି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସଂଗଠନ ପକ୍ଷରୁ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଏନେଇ ଦାବି କରାଯାଉଛି। ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଅଧୀନରେ ଅନ୍ୟ ସମସ୍ତ ବିଦ୍ୟୁତ୍ ଯୋଗାଣ ସଂସ୍ଥାରେ ଏହା କାର୍ଯ୍ୟକାରୀ ହେଉଥିବା ବେଳେ ଅଦ୍ୟାବଧି ସାଉଥକୋ ପକ୍ଷରୁ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ ନ ଥିବାରୁ ସାଉଥକୋ ୟୁଟିଲିଟି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂଗଠନର ସଦସ୍ୟମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନେସ୍କୋ, ୱେସ୍କୋ ଓ ସାଉଥକୋ ୟୁଟିଲିଟି ଏହି ସଂରକ୍ଷଣ ବ୍ୟବସ୍ଥାରୁ ବଞ୍ଚିତ ହୋଇଆସୁଛନ୍ତି। ବିଦ୍ୟୁତ ବିଭାଗ ଘରୋଇକରଣ ୧୯୯୯ରୁ ସର୍ଭିସ୍ ରୁଲ ପୂର୍ବପରି (ଓଏସଇବି ସମୟର ନିୟମ) ବଳବତ୍ତର ଥିବା ବେଳେ ସଂରକ୍ଷଣ ଭଳି ବୈଧାନିକ ବ୍ୟବସ୍ଥାକୁ ତିନୋଟି ବିତରଣ କମ୍ପାନୀ ମାନୁ ନ ଥିବା ଯୋଗୁ ସଂଗଠନ ଏହାର ପ୍ରତିବାଦ କରିଛି। ଏଥିରେ ସଂଗଠନ ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ସେଠୀ, ସଭାପତି ବିଦୁର ବେହେରା, ଉପସଭାପତି ଶକ୍ତିପ୍ରସାଦ ସେଠୀ, ଉପଦେଷ୍ଟା ସଂଗ୍ରାମ ମଲିକ, କାର୍ଯ୍ୟକାରୀ ସଦସ୍ୟ ଜୟଦେବ ମିନକ ଓ ଇଂ. ନାରାୟଣ ନାୟକ ପ୍ରମୁଖ ସାଉଥକୋକୁ ସହଯୋଗ କରିବାକୁ ଦାବି କରିଛନ୍ତି।

# ୫ ଦଫା ଦାବି ନେଇ ୟୁଜିବି କର୍ମଚାରୀ ସଂଘର ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୧୨।୧୧

ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି) କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ଶଙ୍କର ଭବନ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୫ ଦଫା ଦାବି ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ସେଥିମଧ୍ୟରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ବ୍ରହ୍ମପୁରର କିରାଣି ହୃଷୀକେଶ ପାତ୍ରଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର, ରିହାବିଲିଟେଶନ ସ୍କିମ୍‌ରେ ଯୋଗ୍ୟ କର୍ମଚାରୀଙ୍କୁ ଥଇଥାନ, ସମସ୍ତ ସବ୍-ଷ୍ଟାଫଙ୍କୁ ନିଯୁକ୍ତି ଦିନଠାରୁ ସ୍ୱୀକୃତି, ପାର୍ଟ ଟାଇମ୍ କର୍ମଚାରୀଙ୍କୁ ପାର୍ଟ ଟାଇମ୍ ଷ୍ଟାଫ ଭାବେ ଗ୍ରହଣ କରିବା ସହ ବ୍ୟାଙ୍କ ନିୟମ ଅନୁସାରେ ସେମାନଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା, ଅଫିସ ଆସିଷ୍ଟାଣ୍ଟଙ୍କୁ ରେକର୍ଡଭୁକ୍ତ କରିବା ପାଇଁ ଦାବି ହୋଇଛି। ଏହା ପୂରଣ ନ ହେଲେ



ଖବରଦାତା ସମ୍ମିଳନୀରେ ୟୁଜିବି ସଂଘ କର୍ମକର୍ତ୍ତା।

**ଦାବି ପୂରଣ ନହେଲେ ସମୂହ ଛୁଟିରେ ଯିବେ**

ଆସନ୍ତା ୨୪ ଓ ୨୫ ତାରିଖରେ କର୍ମଚାରୀମାନେ ଛୁଟିରେ ରହିବା ସହ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବେ। ସେହିପରି ୨୭ ତାରିଖରେ ବଲାଙ୍ଗୀର ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ।

ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଆଞ୍ଚଳିକ ସମ୍ପାଦକ ସୁନୀଲ ମୁଖୀ, ସହକାରୀ ସାଧାରଣ ସମ୍ପାଦକ ବି. ରମେଶ ପାତ୍ର, ବ୍ରହ୍ମପୁର ମଣ୍ଡଳର କୋଷାଧ୍ୟକ୍ଷ ସାନୁଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମହାପ୍ରବନ୍ଧକ ଏମ୍‌ଏମ୍ ସାହୁଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ବ୍ରହ୍ମପୁର ମୁଖ୍ୟ ଶାଖା କିରାଣି ହୃଷୀକେଶ ପାତ୍ରଙ୍କ ବିରୋଧରେ ଅଭିଯୋଗ ହେବା ପରେ ତାଙ୍କୁ ନିଲମ୍ବନ କରାଯାଇଛି। ଏହା ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀଙ୍କ ଆଭ୍ୟନ୍ତରୀଣ ମାମଲା। ଅନ୍ୟପଟେ ଘଟଣାର ଅନୁସନ୍ଧାନ ଜାରି ରହିଥିବାରୁ ସେନେଇ ଅଧିକ ତଥ୍ୟ ଦେବାକୁ ସେ ଅନିଚ୍ଛା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବେଆଇନ ମୋରମ ଚାଲାଣ,୩ ଟ୍ରାକ୍ଟର ଜବତ

ଭଞ୍ଜନଗର,୧୨।୧୧(ଡି.ଏନ.ଏ)- ଉଲିଦନ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ମୋରମ ଖୋଳି ଚାଲାଣ ଅଭିଯୋଗରେ ତାରସିଂ ପୋଲିସ ଗୁରୁବାର ୪ଜଣଙ୍କୁ ଗିରଫ କରିଛି। ଏଥିସହ ୩ ଟ୍ରାକ୍ଟର ଓ ଗୋଟିଏ ପୋକ୍ଲିନ୍ ଜବତ କରାଯାଇଛି। ଏନେଇ ତାରସିଂ ଥାନାରେ ନଂ.୨୩୮।୨୦ରେ ଏକ ମାମଲା ରୁଜୁହୋଇଛି। ଏହି ମାମଲାରେ ୪ଗାଡ଼ିର ଚାଳକଙ୍କୁ ଗିରଫ କରାଯାଇଛି।

### କୂଅରୁ ନବଜାତକ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ ,୧୨।୧୧- ବୈଦ୍ୟନାଥପୁର ଥାନା ଆଙ୍କୋଲିରେ ଥିବା ପରିତ୍ୟକ୍ତ କୂଅରୁ ଏକ ନବଜାତ ଶିଶୁକନ୍ୟାର ମୃତଦେହ ଗୁରୁବାର ଉଦ୍ଧାର ହୋଇଛି। ପୋଲିସ ମୃତଦେହ ଜବତ କରି ଏଫଏମ୍‌ଟିରେ ସଂରକ୍ଷିତ ରଖିଛି, ଶନିବାର ବ୍ୟବଚ୍ଛେଦ କରାଯିବ। ଜନ୍ମପରେ ଶିଶୁ କନ୍ୟାଟିର ମୃତ୍ୟୁ ଘଟିବା ଯୋଗୁ କେହି କୂଅରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଏଭଳି ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି।

### ଗଞ୍ଜେଇ ଜବତ: ୬ଗିରଫ

ଜୟପୁର, ୧୨।୧୧ (ନି.ପ୍ର./ଡି.ଏନ.ଏ.)- ଜୟପୁର ସଦର ପୋଲିସ ଗୁରୁବାର ଏକ ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣକାରୀ ର୍‍ୟାକେଟ୍ ଉପରେ ଚଢାଉ କରିଛି। ମାମଲାରେ ବିହାର, ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାର ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିହାରର ସେନୁ କୁମାର (୧୮), ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାର ରାମ ମୁଡି କିର୍ଶାନି (୨୮), ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗ୍ରାମର ନରହରି ପୂଜାରୀ, ପାଞ୍ଜିଆଗୁଡାର ବିଶ୍ୱନାଥ ପରଜା (୩୯), ନନ୍ଦପୁରର ନରେନ୍ଦ୍ର ବଡନାୟକ (୩୨), ଜୟପୁର ସହର ସାମନ୍ତରା ସାହିର ଲକ୍ଷ୍ମୀକାନ୍ତ ମିଶ୍ର (୨୪)। ଖବରରୁ ଜଣାପଡିଛି, ଏକ ଗଞ୍ଜେଇ ଚାଲାଣକାରୀ ର୍‍ୟାକେଟ୍ ଗଞ୍ଜେଇ ଚାଲାଣ କରୁଥିବା ଖବର ପାଇ ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ସତୀ ନଦୀ ପାଖରେ ଟିମ୍ ସହ ଜଗି ରହିଥିଲେ। ଏକ କଳା ରଙ୍ଗର ହୋଣ୍ଡା ସିଟି କାରରେ ଚାଲାଣ ହେଉଥିବା ଗଞ୍ଜେଇକୁ କେତେକ ବାଇକ୍ ଆରୋହୀ ସୁରକ୍ଷା ଦେଇ ନେଉଥିବା ବେଳେ ପୋଲିସ ଚଢାଉ କରିଥିଲା। କୋରାପୁଟ ଜିଲା ଜଲାପୁଟରୁ ବିହାରକୁ ଏହି ଗଞ୍ଜେଇ ଚାଲାଣ ହେଉଥିଲା

### ତହସିଲ ବାର୍ଷିକ ଆୟବ୍ୟୟ ସମୀକ୍ଷା

ଶେରଗଡ଼,୧୨।୧୧(ଡି.ଏନ୍.ଏ.)- ଶେରଗଡ ତହସିଲର ବାର୍ଷିକ ଆୟବ୍ୟୟ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ବୁଧବାର ସମୀକ୍ଷା କରିଛନ୍ତି। ରାଜସ୍ୱ ଯେପରି ବଢିବ, ପ୍ରତିମାସରେ ଶେରଗଡ ତହସିଲ ଅଧିନରେ ଥିବା ୯ଟି ରାଜସ୍ୱ ସର୍କଲରେ ରାଜସ୍ୱ ଆଦାୟ ବୃଦ୍ଧିକରିବା, ଚୋରାଚାଲାଣ ରୋକିବା, ବାଲି, ମୋରମ, ପଥର ଚୋରାଚାଲାଣ ଦିଗରେ ପ୍ରତି ରାଜସ୍ୱ ନିରୀକ୍ଷକମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୁଣା ଜମିଜମା ଫଇସଲା କରିବା, କୌଣସି ସର୍କଲରେ କାମ ପେଣ୍ଡିଂ ନରଖି ତୁରନ୍ତ ଫଇସଲା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ବୈଠକରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ପାଚିକା ସହାୟିକାଙ୍କୁ ୮ମାସ ହେଲା ଦରମା ମିଳୁନି

ଶେରଗଡ଼,୧୨।୧୧(ଡି.ଏନ୍.ଏ.)- ଶେରଗଡ ବ୍ଲକର ପାଚିକା ସହାୟିକା ୮ମାସ ହେଲା ଦରମା ପାଇନାହାନ୍ତି। ମାତ୍ର ମାର୍ଚ୍ଚରୁ ଏପର୍ଯ୍ୟନ୍ତ କରୋନା ମୁକାବିଲାରେ ନିୟୋଜିତ ଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକମାନେ ପାଚିକା ସହାୟିକାଙ୍କୁ ବିଦ୍ୟାଳୟକୁ ଡକାଇ ସଫେଇ କାର୍ଯ୍ୟ ମଧ କରୁଛନ୍ତି। ମାତ୍ର ଦରମା ମିଳୁ ନ ଥିଲେ ମଧ କେହି ଦୃଷ୍ଟି ଦେଉନାହାନ୍ତି। ସଂଘର କର୍ମକର୍ତ୍ତାମାନେ କହିବା ଅନୁଯାୟୀ ଫେବୃୟାରୀ ପର୍ଯ୍ୟନ୍ତ ଦରମା ମିଳିଛି। ସଂଘର କର୍ମକର୍ତ୍ତା ଜୟନ୍ତୀ ବିଷୋୟୀ କହିଛନ୍ତି, ଆମ୍ଭକୁ ଦରମା ମିଳୁନାହିଁ କି କରୋନା ସହାୟତା ମଧ ପାଉନାହୁଁ। ବ୍ଲକର ୧୪୫ ବିଦ୍ୟାଳୟରେ ୩୦୦ ଜଣ ପାଚିକା ସହାୟିକା ଅଛନ୍ତି। ୮ମାସ ହେଲା ଦରମା ନ ପାଇ ନାହିଁ ନ ଥିବା ହୀନସ୍ତା ହେଉଛୁ। ତୁରନ୍ତ ଦରମା ପ୍ରଦାନ ପାଇଁ ପ୍ରଶାସନ ବ୍ୟବସ୍ଥା କରୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

# ମାସ୍କ ପିନ୍ଧି ନ ଥିଲେ ମିଳିବନି ସେବା

**ଛତ୍ରପୁର,୧୨।୧୧(ଡି.ଏନ୍.ଏ.)**

କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ରୋକିବା ନିମନ୍ତେ ଲୋକେ କୌଣସି କାମରେ ଘରୁ ବାହାରିଲେ ନିଶ୍ଚିତ ମାସ୍କ ପିନ୍ଧନ୍ତୁ। ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଦୋକାନୀଙ୍କଠାରୁ ଆରମ୍ଭ କରି ବ୍ୟାଙ୍କ, ବସ, ଅଟୋ, ତହସିଲ, ବ୍ଲକ, ଚିକିତ୍ସାଳୟ ଓ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସେବା ନ ଯୋଗାଇବାକୁ ଭିଡିଓ କନଫରେନ୍ସରେ ଅନୁଷ୍ଠିତ ଜିଲାସ୍ତରୀୟ କୋଭିଡ୍ ପରିଚାଳନା ବୈଠକରେ ଅଧକ୍ଷତା କରି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ସବୁ ସ୍ଥାନରେ ମାସ୍କ ବଣ୍ଟନ ଓ ସଚେତନ କାର୍ଯ୍ୟକୁ ବ୍ୟାପକ କରିବାକୁ ଜିଲାପାଳ କହିଛନ୍ତି। ମନ୍ଦିରଗୁଡିକରେ ସୀମିତ ସ୍ଥାନ ରହିଥିବାରୁ ବାୟୁ ଚଳପ୍ରଚଳ ଠିକ ରୂପେ ହୋଇପାରୁନାହିଁ। ତେଣୁ ମନ୍ଦିରକୁ ଯାଇ ସଂକ୍ରମିତ ନ ହେବା ପାଇଁ ବୟସ୍କ ଓ ବିଭିନ୍ନ ରୋଗରେ ପୀଡିତ ବ୍ୟକ୍ତିଙ୍କୁ ସତର୍କ କରାଇ ଦିଆଯାଉଛି। ସଂକ୍ରମଣ ପୁଣି ବ୍ୟାପବା ଆଶଙ୍କା ଥିବାରୁ ମନ୍ଦିର ଖୋଲିବାକୁ ବାରଣ କରାଯାଇଛି। ଜଣେ ହେଲେ କୋଭିଡ୍ ଯୋଦ୍ଧା ଯେଭଳି ସଂକ୍ରମିତ ହେବେ ନାହିଁ ସେଥିପ୍ରତି ସଜାଗ ରହିବାକୁ ଜିଲାପାଳ କହିଛନ୍ତି। ଦୀପାବଳି ପୂର୍ବରୁ ସମସ୍ତ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ କାମ ଶେଷ କରି ଷ୍ଟିକର ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ସପ୍ତାହରେ ଜିଲାରେ ଗ୍ରୀନ ଦୀପାବଳି ପାଳିବାକୁ ଜିଲାବାସୀଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି। ପାର୍କ ଖେଳ ପଡିଆକୁ ଯାଇ ଲୋକେ ୱାର୍କ କରିପାରିବେ,କିନ୍ତୁ ସାମାଜିକ ଦୂରତ୍ୱ ପ୍ରତି ସଜାଗ ରହିବାକୁ କୁହାଯାଇଛି। ବୈଠକରେ ମହାନଗର ନିଗମ କମିଶନର ସିନ୍ଧେଶ୍ୱର ବଳିରାମ ବନ୍ଧାର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଅମିୟ କୁମାର ସାହୁ, ଡଡା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନ, ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ମୁଖ୍ୟ ଜିଲା ଚିକିତ୍ସାଧୀକାରୀ ଉମା ଶଙ୍କର ମିଶ୍ର, ଜରୁରିକାଳୀନ ଅଧିକାରୀ ଦିବ୍ୟଲୋଚନ ମହାନ୍ତ, ଜିଲା ଶିକ୍ଷାଧିକାରୀ ଅମୁଲ୍ୟ କୁମାର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶ, ଜିଲ ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବିନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଗ୍ରୀନ୍ ଦୀପାବଳି ଲାଗି ଜିଲାପାଳଙ୍କ ଅନୁରୋଧ**

### ୨୮.୫୩ ଲକ୍ଷ ଜଣଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ହେଲାଣି

ଗଞ୍ଜାମ ଜିଲାରେ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ସ୍କ୍ରିନିଂ ଷଷ୍ଠ ରାଉଣ୍ଡ ଚାଲିଛି। ବୁଧବାର ୫ ଲକ୍ଷ ୧୫ ହଜାର ୬୭୮ ଜଣଙ୍କ ସ୍କ୍ରିନିଂ ହୋଇଛି। ସେଥିମଧ୍ୟରୁ ୩୨ ଜଣଙ୍କଠାରେ କରୋନା ଲକ୍ଷଣ ରହିଛି। ସେମାନଙ୍କର ଟେଷ୍ଟ କରାଯିବ ବୋଲି କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ୭ ଲକ୍ଷ ୪୫ ହଜାର ୬୧୭ ଘରକୁ ଯାଇ ୨୮ ଲକ୍ଷ ୫୩ ହଜାର ୨୦୮ ଜଣଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ହୋଇଥିବା ଜିଲାପାଳ ଟୁଇଟ କରି ସୂଚନା ଦେଇଛନ୍ତି। ଜିଲାରେ କରୋନାରୁ ୯୮.୩ ପ୍ରତିଶତ ସୁସ୍ଥ ହୋଇଛନ୍ତି। ଗୁରୁବାର ନୂଆ ୧୫ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୫ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୨୧,୪୪୬ ଜଣ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧,୮୭ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଏବେ ୧୧୯ ଜଣ ସକ୍ରିୟ ରୋଗୀ ଥିବାବେଳେ କରୋନାରେ ୨୩୨ ଜୀବନ ଯାଇଛି।

### କୃଷି ଯନ୍ତ୍ରପାତିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା

**ଜି.ଉଦୟଗିରି,୧୨।୧୧(ଡି.ଏନ.ଏ.)**

ଓଡ଼ିଶା ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ପ୍ରାଣୀଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର ଜି.ଉଦୟଗିରି, କନ୍ଧମାଳର ମିଳିତ ଉଦ୍ୟମରେ ଜି.ଉଦୟଗିରି ଠାରେ ସୋରିଷ ଫସଲ ଚାଷରେ ଓ୍ୱୟୁଏଟି ବଳଦ ଟଣା ଚାରି ଧାଡ଼ିଆ ମଞ୍ଜି ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ପଚାଶ ଜଣ ଅଗ୍ରଣୀ ଚାଷୀ, ଅନେକ କୃଷିବିତ, ସରକାରୀ, ବେସରକାରୀ ଅନୁଷ୍ଠାନ ଗୁଡ଼ିକର କର୍ମକର୍ତ୍ତାମାନେ ଅନଲାଇନରେ ଯୋଗଦେଇ ଭର୍ଚୁଆଲ କନ୍‌ଫରେନ୍ସି ଜରିଆରେ କ୍ଷେତ୍ର ପ୍ରଦର୍ଶନ ଦେଖିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ବିକଶିତ ହୋଇଥିବା ଓ୍ୱୟୁଏଟି ମୋଡ଼ପତ୍ର ଲଙ୍ଗଳ, ଉନ୍ନତ ଗୁଆଳି, ଚାରି/ ପାଞ୍ଚ ଧାଡ଼ିଆ ମଞ୍ଜି ଓ ସାର ବୁଣା ଯନ୍ତ୍ର ଆଦି ଅନେକଗୁଡିଏ ବଳଦ ଟଣା ଉନ୍ନତ କୃଷି ଯନ୍ତ୍ରପାତିର କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡା. ଦେବାଶିଷ ମିଶ୍ର ଓ କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ ସଂଘ ମିତ୍ରଓ ବିଶ୍ୱାଳ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଇକୋ ପାର୍କ ଉନ୍ନୟନ କାର୍ଯ୍ୟ ଦେଖିଲେ ଆର୍‌ସିସିଏଫ୍



ଆର୍‌ସିଏଫ୍ ଓ ଅନ୍ୟ ଅଧିକାରୀ ଉନ୍ନୟକ କାର୍ଯ୍ୟସ୍ଥଳ ପରିଦର୍ଶନ କରୁଛନ୍ତି।

**ବୁଗୁଡ଼ା,୧୨।୧୧(ଡି.ଏନ.ଏ.)**

ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ପ୍ରଶାନ୍ତ କୁମାର ମିଶ୍ର ବୁଧବାର ବୁଗୁଡ଼ା ବନାଞ୍ଚଳ ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟସ୍ଥଳ ପରିଦର୍ଶନ କରିଛନ୍ତି। ପ୍ରଥମେ ବୁଦ୍ଧଖୋଲ ପାଦଦେଶରେ ଜଙ୍ଗଲ ବିଭାଗ ତରଫରୁ ନିର୍ମାଣ କରାଯାଉଥିବା ଇକୋ ପାର୍କର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ଇକୋପାର୍କକୁ ଆକର୍ଷଣୀୟ କରିବାକୁ ବିଭାଗ ତରଫରୁ କରାଯାଉଥିବା ବୃକ୍ଷରୋପଣ କାର୍ଯ୍ୟ ଦେଖିବା ସହ ପଥରବନ୍ଧ ଏବଂ ଯୋଜନା ମୁତାବକ ଆରମ୍ଭ ହୋଇଥିବା ବିଭିନ୍ନ ଆକର୍ଷଣୀୟ ସ୍ଥଳ ବୁଲି ଦେଖିଥିଲେ। ପରେ କିରିଆମ୍ବା ସଂରକ୍ଷିତ ଜଙ୍ଗଲ ଭଗବାନପୁର ସେକ୍ସନକୁ ଯାଇ ସେଠାରେ ହାତୀ ଓ ବନ୍ୟଜନ୍ତୁଙ୍କ ପାଇଁ ଖୋଳା ଯାଇଥିବା ଅନ୍ଧାରିଆ ନାଳ ନାମକ ଜଳ ସଂରକ୍ଷଣ ସ୍ଥଳୀ ଦେଖିଥିଲେ। ହାତୀମାନଙ୍କ ଗତିବିଧି ଏବଂ ସେମାନଙ୍କ ସୁରକ୍ଷା ବିଷୟରେ ବନାଞ୍ଚଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଶେଷ ଭାବେ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା, ଏସିଏଫ୍ ପ୍ରଭାକର ନାୟକ, ବୁଗୁଡ଼ା ବନପାଳ ଅଭିରାମ ଖିଲ, ଭୋଲେଶ୍ୱର ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସଂରକ୍ଷକ ବୁଗୁଡ଼ା କାର୍ଯ୍ୟାଳୟରେ ପହଞ୍ଚି ବନ ବିଭାଗ ତରଫରୁ ଜବତ ହୋଇଥିବା ଶହ ଶହ କେଜି ମାଧବୀ ଚେର ଏବଂ ଗିରଫ ବନ୍ୟଜନ୍ତୁ ଶିକାରୀଙ୍କ ମାମଲା ବିଷୟରେ ସମୀକ୍ଷା କରିଥିଲେ।

### କାର୍ଜିସାହିରେ ଡ୍ରେନ୍ ନିର୍ମାଣ କାମ ଆରମ୍ଭ

**ବୁଗୁଡ଼ା,୧୨।୧୧(ଡି.ଏନ.ଏ.)**

ଦୀର୍ଘ ୨୦ବର୍ଷ ପରେ ବୁଗୁଡା ଏନ୍‌ଏସି ୧୧ନଂ. ୱାର୍ଡ କାର୍ଜିସାହିରେ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏନ୍‌ଏସି ପ୍ରଶାସନ ପକ୍ଷରୁ ଅନେକ ସାହିରେ ଡ୍ରେନ ନିର୍ମାଣ କାମ ହେଉଥିଲେ ମଧ କାର୍ଜିସାହିରେ ଦୀର୍ଘବର୍ଷ ଧରି ହୋଇ ପାରିନଥିଲା। ଫଳରେ ବର୍ଷା ହେଲେ ନର୍ଦ୍ଦମାପାଣି ରାସ୍ତା ଉପରେ ପ୍ରବାହିତ ହୋଇ ପୂତିଗନ୍ଧମୟର ପରିବେଶ ସୃଷ୍ଟି କରିଥିଲା। ସାହିରେ ଡ୍ରେନ୍ ନିର୍ମାଣ ପାଇଁ ସାହିବାସିନ୍ଦା ବାରମ୍ବାର ଏନ୍‌ଏସି ପ୍ରଶାସନକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନଥିଲା। ଶେଷରେ ସେମାନେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ଏ ନେଇ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ହେଲେ କରୋନା ଯୋଗୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନଥିଲା। ବର୍ତ୍ତମାନ ନିର୍ବାହୀ ଅଧିକାରୀ ଦାସଙ୍କ ଉଦ୍ୟମରେ କାମ ଆରମ୍ଭ ହୋଇଛି। ଗୁରୁବାର ନିର୍ବାହୀ ଅଧିକାରୀ ଉକ୍ତସାହିକୁ ଯାଇ ଡ୍ରେନ କାର୍ଯ୍ୟର ନିରୀକ୍ଷଣ କରିଥିଲେ।

### ଗଞ୍ଜେଇ ବୋଝେଇ କାର୍ ଜବତ, ଜଣେ ଗିରଫ

**ପାଟପୁର,୧୨।୧୧**

ପାଟପୁର ପୋଲିସ ଗୁରୁବାର ଭୋର୍‌ରେ ଏକ ଗଞ୍ଜେଇ ବୋଝେଇ କାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଥାନା ଅଧିକାରୀ ଅଜୟ କୁମାର ବାରିକ ପୋଲିସ ଟିମ୍ ସହ ପୋଡ଼ାମାରି ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଗଜପତି ଜିଲା ତପ୍ତପାଣି-ବ୍ରହ୍ମପୁର ମୁଖ୍ୟରାସ୍ତାରେ ଦ୍ରୁତଗତିରେ ଆସୁଥିବା କାର (ନଂ.ଓଆର୍‌୦୭ ଏମ୍-୨୦୩୭)କୁ ଦସେଇପୁର ଗାଁ ଛକ ନିକଟରେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରୁ ୪ ବସ୍ତା ଗଞ୍ଜେଇ ମିଳିଥିଲା। କାର୍‌ରେ ଥିବା ୨ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲେ। ଜଣେ ହେଲେ ଗଜପତି ଜିଲା ଅଡ଼ବା ଥାନା ଖ୍ରୀଷ୍ଟିଆନ ସାହିର ଯୋସେଫ ବୀର ଓ ଅନ୍ୟଜଣେ ନାବାଳକ। ସାନଖେମୁଣ୍ଡି ତହସିଲଦାର ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯିବା ପରେ ୧୦୪ କେ.ଜି ୨ ଶହ ଗ୍ରାମ ହୋଇଥିଲା। ନଂ.୨୭୬/୨୦ରେ ମାମଲା ରୁଜୁକରି ଯୋସେଫଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରାଯିବାପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

# ଗୋଷ୍ଠୀଗତ ଭାଗୀଦାରିରେ ମୋ ୱାର୍ଡ

**ଛତ୍ରପୁର,୧୨।୧୧(ଡି.ଏନ୍.ଏ .)**

ଗଞ୍ଜାମ ଜିଲାର ସହରାଞ୍ଚଳର ସମସ୍ତ ୱାର୍ଡରେ ମୋ ୱାର୍ଡ କାର୍ଯ୍ୟକ୍ରମ ପରିଚାଳିତ ହେବ। ୱାର୍ଡର ସ୍ଥାନୀୟ ଲୋକଙ୍କୁ ନେଇ ୱାର୍ଡ ଉନ୍ନୟନ କମିଟି ଗଠନ କରାଯିବ। ଉକ୍ତ କମିଟି ଦ୍ୱାରା ୱାର୍ଡରେ ସାମୁହିକ ବିକାଶ କରାଯିବ। ରାସ୍ତାଘାଟ, ନାଳନର୍ଦ୍ଦମା, ଆଲୋକ ବ୍ୟବସ୍ଥା, ସଫେଇ କାର୍ଯ୍ୟ କମିଟି ୱାର୍ଡ ଉନ୍ନୟନ କମିଟି ଜରିଆରେ ହେବ। ଏ ନେଇ ବୁଧବାର ଜିଲାସ୍ତରୀୟ ବୈଠକ ଏକ ଭିଡିଓ କନଫରେନ୍ସ ଜରିଆରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପରିମଳ ହେଉଛି ସେବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ସହରାଞ୍ଚଳର ସ୍ଥାନୀୟ ଲୋକଙ୍କ ଦ୍ୱାରା ପରିଚାଳନା ହେଲେ ପରିମଳ ବ୍ୟବସ୍ଥାରେ ସୁଧାର ଆସି ପରିବେଶ ଠିକ ରହିପାରିବ। ୱାର୍ଡ ଉନ୍ନୟନ କମିଟିରେ ୩ ମହିଳା, ଯୁବକ ଓ ସ୍ୱୟଂ ସହାୟିକା ଗୋଷ୍ଠୀ, ସେଚ୍ଛାସେବୀ ସଭ୍ୟା ସଭ୍ୟ ରହି ମୋ ୱାର୍ଡକୁ ସୁନ୍ଦର କରି ଗଢି ତୋଳିବେ। ଆବଶ୍ୟକସ୍ଥଳେ ଖାଲି ସ୍ଥାନରେ ଖୋଲା ଜିମ କରି ଛୋଟ ଛୋଟ ବ୍ୟାୟାମ ଉପକରଣ ରଖାଯିବ। ତାହାକୁ ଜନସାଧାରଣ ବ୍ୟବହାର କରିପାରିବେ। ପ୍ଲାଷ୍ଟିକ ମୁକ୍ତ ସହର, ଗୃହକୁ ଯାଇ ଆବର୍ଜନା ସଂଗ୍ରହ, ସର୍ବସାଧାରଣ ସ୍ଥାନରେ ଡଷ୍ଟବିନ ବ୍ୟବହାର ଆଦି ସାମୁହିକ କାର୍ଯ୍ୟ ୱାର୍ଡ ଉନ୍ନୟନ କମିଟି ଦ୍ୱାରା ପରିଚାଳନା କରାଯିବ। ୧୦ ଫୁଟ ଉଚ୍ଚତା ବିଶିଷ୍ଟ ବୃକ୍ଷରୋପଣ କରି ନିକଟସ୍ଥ ଗୃହ ମାଲିକଙ୍କୁ ତାହାର ଯତ୍ନ ସକାଶେ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ମହାନଗର ନିଗମ କମିଶନର ସିନ୍ଧେଶ୍ୱର ବଳିରାମ ବନ୍ଧାର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଅମୀୟ କୁମାର ସାହୁ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି , ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍‌ହା ଉପଦ୍ରବରେ ଫସଲ ନଷ୍ଟ

**କବିସୂର୍ଯ୍ୟନଗର,୧୨।୧୧**

ବର୍‌ହାଙ୍କ ଉପଦ୍ରବରେ କବିସୂର୍ଯ୍ୟନଗର ମାଳିବଗଡ଼ ଠାରୁ ଆଠଘରିଆ ଧାନବିଲ କ୍ଷେତର ଫସଲ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ହେଲେ ସୁବାସ ଜେନା, ଯୋଗିନ୍ଦ୍ର ଜେନା, ହୀନ ଖୁଣ୍ଟିଆ, ରଞ୍ଜନ ଖୁଣ୍ଟିଆ, କୃଷ୍ଣ ଦଳାଇ, ମାଧବ ବିଶ୍ୱାଳ, କାଳିଆ ଗୌଡ଼, ସନ୍ତୋଷ କରଣ, ଡ୍ରାଇଭର ଖୁଣ୍ଟିଆ ଓ ଅନ୍ୟାନ୍ୟ। କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ପୋଲସରା ରେଞ୍ଜର ଠାରେ ଅଭିଯୋଗ ହୋଇଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରିନାହିଁ।

# ରଇତ ସଂଘର ବାର୍ଷିକ ଉତ୍ସବ




ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

**କାଶୀନଗର,୧୨।୧୧(ଡି.ଏନ୍.ଏ.)**

ସ୍ଥାନୀୟ ଡାକବଙ୍ଗଳା ଠାରେ କାଶୀନଗର ରଇତ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣା ରାଉତ, ସମ୍ମାନିତ ଅତିଥି ଭାବେ ଏବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ସଂଘ ସଭାପତି କବି ପ୍ରଶାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ରଘୁରାମ ସାହୁ, ଉପଦେଷ୍ଟା ସୁବାସ ବିଶ୍ୱାସରାୟ, କାର୍ଯକାରୀ ସଭାପତି ଏସ୍. ତାତେୟା ଉପ ସଭାପତି ୱାଇ. ଧନୁଜୟା, କୋଷାଧକ୍ଷ ବସନ୍ତ ଦାମୋଦର, ସଭ୍ୟ ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନେ କୃଷି ଓ କୃଷକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏନ୍‌ଏସି ତରଫରୁ କାଶୀନଗର ଠାରେ ଏକ ରଇତ ବଜାର ନିର୍ମାଣ ପାଇଁ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯକ୍ରମରେ କୃଷକ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ।

### ଗୌରୀଆମ୍ମା ଯାତ୍ରା ଉଦ୍‌ଯାପିତ

**ହିଞ୍ଜିଳିକାଟୁ,୧୨।୧୧(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ଦୟାପଲ୍ଲୀ ଗ୍ରାମରେ ଆୟୋଜିତ ୧୧ଦିନିଆ ନାଦିଆମ୍ମା (ଗୌରୀଆମ୍ମା) ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଯାତ୍ରାକୁ ନେଇ ଗ୍ରାମରେ ୨ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଦେଖା ଦେଇଥିବା ବିବାଦ ଓ କରୋନା କଟକଣାକୁ ନଜରରେ ରଖି ନୀତିକାନ୍ତିରେ ଯାତ୍ରା ଉଦ୍‌ଯାପିତ ପାଇଁ ପ୍ରଶାସନ ପକ୍ଷରୁ କମିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଗ୍ରାମରେ ମୂର୍ତ୍ତି ବିସର୍ଜନ ପୂର୍ବରୁ ସାହି ପରିକ୍ରମା କାର୍ଯ୍ୟକୁ ସଂକ୍ଷିପ୍ତ କରାଯାଇଥିଲା। ୧୧ଦିନ ଧରି ପୂଜା ପାଇ ଆସୁଥିବା ମୂର୍ତ୍ତିକୁ ଗ୍ରାମ ପୋଖରୀରେ ମହିଳାମାନେ ବିସର୍ଜନ କରିଥିଲେ। ବିଭିନ୍ନ ମନସ୍କାମନା ଓ ଭଲ ଫସଲ ଅମଳ ପାଇଁ ପ୍ରତିବର୍ଷ ଏହି ଯାତ୍ରା ତେଲୁଗୁ ସମ୍ପ୍ରଦାୟ ଲୋକେ ଆୟୋଜନ କରିଥାନ୍ତି।



ଗୌରୀଆମ୍ମାଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଉଛି।

### ଚିଦାନନ୍ଦ ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ

**ପାଟପୁର,୧୨।୧୧**

ଚିଦାନନ୍ଦ ସତ୍‌ସଙ୍ଗ କେନ୍ଦ୍ରର ଚତୁର୍ଥ ବାର୍ଷିକ ଉତ୍ସବ ଗୁରୁବାର ପାଟପୁର ମହାଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କରୋନାରେ ମୃତ୍ୟୁବରଣ କରିଥିବା ସମସ୍ତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ଆରୋଗ୍ୟ କାମନା କରାଯାଇଥିଲା। ଶ୍ରୀ ଗୁରୁ ପାଦୁକା ପୂଜା, ଗୀତା ପାଠ, ହନୁମାନ ଚାଳିଶା, ଶ୍ରୀ ଗଣେଶ କୀର୍ତ୍ତନ, ଗୁରୁବାଣୀ ପାଠ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଗୁରୁଭାଇ କୁଞ୍ଜବିହାରୀ ପାଢ଼ୀ, କୃଷ୍ଣଚନ୍ଦ୍ର ପତି, ବାବୁ ପ୍ରଧାନ, କୁମୁଦିନୀ ପାଢ଼ୀ, ସାବିତ୍ରୀ ଦୋରା, କୁନ୍ତୀ ଦୋରା, ସତ୍‌ସଙ୍ଗର ସମ୍ପାଦକ ଗୋପାଳ ଚନ୍ଦ୍ର ସାବତ, ସଭାପତି ଅଶୋକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା ପାରହୋଇପାରୁନାହାନ୍ତି ହାତୀପଲ

**ବୁଗୁଡ଼ା,୧୨।୧୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ କରସିଂ ନିକଟରେ ଗୁରୁବାର ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଏହି ପଲରେ ୧୭ଟି ହାତୀ ଥିବା ଜଣାପଡିଛି। ହାତୀପଲ ଦିନସାରା ଜଙ୍ଗଲ ମଧ୍ୟରେ ରହିଥିବାବେଳେ ସନ୍ଧ୍ୟାବେଳେ କରସିଂ ଚୈତନ୍ୟପ୍ରସାଦ ସାହି ନିକଟ ନାକି ଘାଇରେ ବର୍ତ୍ତମାନ ଦେଖିବାକୁ ମିଳିଛି। ହାତୀପଲ ଗ୍ରାମ ନିକଟସ୍ଥ ବିଲ ମାନଙ୍କରେ ଧାନ ଫସଲ ନଷ୍ଟ କରିବା ସହ ଉପଦ୍ରବ ଚଳାଇଛନ୍ତି। ହାତୀପଲଙ୍କୁ ଦେଖି ଗ୍ରାମବାସୀ ଏକାଠି ହୋଇ ସେମାନଙ୍କୁ ଘଉଡାଇବାକୁ ଘଣ୍ଟ, ତାଳ, ଗିନି ମୃଦଙ୍ଗ ବଜାଇ ଜଗି ରହିଛନ୍ତି। ହାତୀପଲ ଯେପରି ରାସ୍ତା ପାର ହୋଇ ନପାରିବେ ସେଥିପାଇଁ ଗ୍ରାମବାସୀ ସନ୍ଧ୍ୟାରୁ ଜଗି ରହିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳକୁ ଯାଇ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି।



ଜଙ୍ଗଲରେ ଥିବା ହାତୀପଲ।

